## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର

ମହାକାଳପଡା, ୪।୮ (ଡି.ଏନ.ଏ.) ମହାକାଳପଡା ବ୍ଲକ ତନ୍ତିଆପାଳ ମେରାଇନ ଥାନା ଅଞ୍ଚଳରୁ ୪ ମାସ ପୂର୍ବେ ଅପହରଣ କରାଯାଇଥିବା ଜଣେ ନାବାଳିକାଙ୍କୁ ରବିବାର ମାର୍ଶାଘାଇ ଅଞ୍ଚଳରୁ ପୋଲିସ ଉଦ୍ଧାର କରିଛି। ଏନେଇ ଅଭିଯୁକ୍ତ ସଞ୍ଜୟ ଗନ୍ତାୟତ(୨୦)ଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଉଭୟଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀମାଇନା କରାଇବା ପରେ ସମ୍ପୃକ୍ତ ନାବାଳିକାଙ୍କୁ କେନ୍ଦ୍ରାପଡ଼ାସ୍ଥିତ ସୁଧାରଗୃହକୁ ପଠାଇଦିଆଯାଇଛି। ସୂଚନାଯୋଗ୍ୟ, ଝିଅକୁ ଅପହରଣ କରାଯାଇଥିବା ନେଇ ଗତ ଏପ୍ରିଲ ୨୦ରେ ସମ୍ପୃକ୍ତ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା (ନଂ.୧୮/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା।

### ଶୈବ ପୀଠ ଅଭିମୁଖେ ବୋଲବମ୍ ଭକ୍ତ

ମାର୍ଶାଘାଇ,୪।୮(ଡି.ଏନ୍.ଏ.): ୩ୟ ସୋମବାର ଠାକୁରଙ୍କ ନିକଟରେ ଜଳ ଲାଗି ପାଇଁ କାଉଡିଆମାନେ ପାଣିଭାର ନେଇ ବିଭିନ୍ନ ଶୈବପୀଠକୁ ଯାତ୍ରା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମାର୍ଶାଘାଇ ଅଞ୍ଚଳର ତାଳସଙ୍ଗା, କୁହୁଡ଼ି, ଅଙ୍ଗୁଲାଇ, ପରକୁଳା ଆଦି ଗ୍ରାମର ବୋଲବମ୍ ଭକ୍ତମାନେ ଲୁଣା ଚିତ୍ରୋତ୍ପଳା ନଦୀରୁ ପାଣି ଭାର ନେଇ କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲାର ବିଭିନ୍ନ ଶୈବପୀଠକୁ ବାହାରିଛନ୍ତି। ରବିବାର ତାଳସଙ୍ଗା ନୀଳକଣ୍ଠେଶ୍ୱର ବୋଲବମ୍ ସଂଘର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଯୁବକ ଓ କୁନି କୁନି ପିଲା କଳାବୁଦାସ୍ଥିତ ବାରେଣୀ ପୀଠରୁ ପୂଜାର୍ଚ୍ଚନା ସାରି ହରିଦାସପୁର ଶନିଶ୍ଚରଙ୍କ ପୀଠକୁ ଯାଇଥିଲେ।

### ବକେୟା ପାଉଣା ମିଳିବାରେ ବିଳମ୍ବ : ଅନଶନ ଧମକ

ରାଜନଗର, ୪।୮(ଡି.ଏନ.ଏ.) : ରାଜନଗର ବ୍ଲକରେ ଦୀର୍ଘ ୫ ବର୍ଷ ଧରି କାର୍ଯ୍ୟ କରିବା ପରେ ପୁନର୍ବାର ଶିକ୍ଷକ ପଦବୀକୁ ଫେରିଥିବା ସିଆରସିସିମାନେ ସେମାନଙ୍କ ବକେୟା ପାଉଣା ପାଇନାହାନ୍ତି। ଫଳରେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରକାଶ ଯେ, ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷର ଏଫଟିଏ ଓ ୨୦୧୮-୧୯ ଆର୍ଥିକ ବର୍ଷର କଣ୍ଟିଜେନ୍ସି ଟଙ୍କା ଆଜି ଯାଏଁ ମିଳିନାହିଁ। କେନ୍ଦ୍ରାପଡା ଜିଲାର ଅନ୍ୟ ବ୍ଲକର ପୂର୍ବତନ ସିଆରସିସିମାନେ ସମସ୍ତ ପାଉଣା ପାଇ ସାରିଥିବା ବେଳେ ରାଜନଗର ବ୍ଲକର ପୂର୍ବତନ ସିଆରସିସିମାନେ ସେମାନଙ୍କ ଟଙ୍କା ପାଉନାହାନ୍ତି। ବିଆରସିସି ଦାୟିତ୍ୱରେ ଥିବା ଏବିଇଓ ଅଜିତ କୁମାର ବାରିକ ସେମାନଙ୍କୁ ଟଙ୍କା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ନେଇ ପୂର୍ବତନ ସିଆରସିସି ଲକ୍ଷ୍ମୀପ୍ରିୟା ପ୍ରଧାନ, ପ୍ରଶାନ୍ତ କୁମାର ଜେନା, ଦାମୋଦର ବିଶ୍ୱାଳ, ହେମନ୍ତ କୁମାର ବାରିକ, ଅଶୋକ କୁମାର ଜେନା, ଉଦୟ ନାଥ ଓଝା, ଅଜୟ କୁମାର ପଲାଇ ପ୍ରମୁଖ ରାଜନଗର ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ରାଜନଗର ବ୍ଲକର ଶିକ୍ଷକମାନେ ଜୁନ ଓ ଜୁଲାଇ ୨ମାସର ଦରମା ପାଇ ନ ଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି। ଆସନ୍ତା ୬ ତାରିଖ ସୁଦ୍ଧା ସେମାନଙ୍କ ବକେୟା ଟଙ୍କା ଦିଆ ନ ଗଲେ ୭ ତାରିଖ ଠାରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବେ ବୋଲି ୭ ଜଣ ପୂର୍ବତନ ସିଆରସିସି ଲିଖିତ ଭାବେ ଜଣାଇଛନ୍ତି।

### ଦିବ୍ୟାଙ୍ଗ ଯୁବତୀଙ୍କୁ ଆକ୍ରମଣ

ମାର୍ଶାଘାଇ,୪।୮(ଡିଏନ୍ଏ): ରବିବାର ମାର୍ଶାଘାଇ ଥାନା ଗତାନଈ ଗ୍ରାମର ଜଣେ ମୂକ ବଧିର ଯୁବତୀଙ୍କ ଉପରକୁ ସେହି ଗ୍ରାମର ଜଣେ ଯୁବକ ପଥର ଫିଙ୍ଗିବା ଫଳରେ ସେ ଗୁରୁତର ଆହତ ହୋଇଛନ୍ତି। ଏ ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ଗତାନଈ ଗ୍ରାମର ରାମଚନ୍ଦ୍ର ମାହାଳିଙ୍କ ଝିଅ ଚୁମୁକି ଜଣେ ଦିବ୍ୟାଙ୍ଗ। ରବିବାର ମଧ୍ୟାହ୍ନରେ ଚୁମୁକି ଗାଈ ଚରାଇ ଘରକୁ ଫେରୁଥିବା ବେଳେ ବାଟରେ ସେହି ଗ୍ରାମର ଗୋପୀ ପୃଷ୍ଟିଙ୍କ ବାଡିକୁ ଗାଈ ପଶି ଯାଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଗୋପୀ ପାଟି କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଗୋପୀ ଉତ୍ତ୍ୟକ୍ତ ହୋଇ ବାଡିରେ ପଡିଥିବା ଏକ ପଥର ଖଣ୍ଡକୁ ଫୋପାଡିବାରୁ ଚୁମୁକିଙ୍କ ମୁହଁ ଫାଟି ଯିବା ସହ ସେ ଅଚେତ ହୋଇ ଯାଇଥିଲେ। ଗ୍ରାମବାସୀ ଚୁମୁକିଙ୍କୁ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେ ଏ ନେଇ ମାର୍ଶାଘାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ କାଳନ୍ଦୀ ବେହେରା କହିଛନ୍ତି ଯେ, ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

■ କୃଷି ବିଭାଗ ଓ ଜଳସମ୍ପଦ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ

# ଅକାମି ହୋଇପଡ଼ିଛି ଜଳସେଚନ ପ୍ରକଳ୍ପ

**ଗରଦପୁର ବ୍ଲକ**
■ ବର୍ଷା ଅଭାବରୁ ମରୁଡ଼ି ଆଶଙ୍କା
■ ଋଣ ଶୁଝିବା ଚିନ୍ତାରେ ଚାଷୀ

ପାଟକୁରା, ୪।୮ (ଡି.ଏନ୍.ଏ.)

ବର୍ଷା ଅଭାବରୁ ଚାରିଆଡେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଗରଦପୁର ବ୍ଲକ ଅଞ୍ଚଳରେ ବି ମରୁଡ଼ି ପରିସ୍ଥିତି ଉପୁଜିବା ନେଇ ଆଶଙ୍କାରେ ଦିନ କାଟୁଛନ୍ତି ଚାଷୀ। ବ୍ଲକ ଅଧୀନ ୧୮ ପଞ୍ଚାୟତର ହଜାର ହଜାର ଚାଷୀ କୃଷି ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଅନାବୃଷ୍ଟି ଯୋଗୁ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଟଙ୍କା ଋଣ ଓ ଧାରକରଜ କରି ଚାଷୀମାନେ ଚାଷକାର୍ଯ୍ୟ କରିଥିବା ବେଳେ ଜଳସେଚନ ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହେବା ଚାଷୀଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ହେଲେ ଏଭଳି ପରିସ୍ଥିତିରେ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ଜଳସେଚନ ପ୍ରକଳ୍ପ ମଧ୍ୟ ଅକାମୀ ହୋଇ ପଡ଼ିରହିଛି। ଫଳରେ ଅଧିକାଂଶ ଚାଷଜମି ଶୁଖିଲା ପଡ଼ିଥିବା ବେଳେ ତଳି ରୁଆ ହୋଇଥିବା କେତେକ ବିଲ ଫାଟି ଯାଇଥିବା ଦେଖାଯାଇଛି। ଅନେକ ଜମିରେ ବୁଲା ଗୋରୁ ଚରୁଛନ୍ତି। ତେବେ କେତେକ ସ୍ଥାନରେ ଚାଷୀମାନେ ପୋଖରୀରୁ ଟୁଲୁ ମୋଟର ପମ୍ପ ମାଧ୍ୟମରେ


ଚାଷୀମାନେ ପୋଖରୀରୁ ପମ୍ପ ଯୋଗେ ପାଣି ଉଠାଇ ଚାଷ କାର୍ଯ୍ୟ କରୁଛନ୍ତି।

ପାଣି ଉଠାଇ ବିଲରେ ମଡ଼ାଇବା ସହ ରୁଆ, ବେଉଷଣ କରୁଛନ୍ତି।

ବ୍ଲକ ଅଧୀନ ୯ ସେବା ସମବାୟ ସମିତି ମାଧ୍ୟମରେ ୧୮ ପଂଚାୟତର ୮୮୨୯ ଜଣ ଚାଷୀ ଖରିଫ ଧାନ ଫସଲ ପାଇଁ ପ୍ରାୟ ୨୨ କୋଟି ୪୬ ଲକ୍ଷ ୯୨ ହଜାର ୬୮୫ ଟଙ୍କା ଋଣ କରିଛନ୍ତି। ହେଲେ ଜଳସେଚନ ହୋଇ ପାରୁ ନଥିବାରୁ ମରୁଡ଼ି ଆଶଙ୍କା ଉପୁଜିବା ପରେ ଋଣ ସୁଝିବା ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ବ୍ଲକ ଅଧୀନ ସମସ୍ତ ଜଳସେଚନ ପ୍ରକଳ୍ପ ଅଚଳ ହୋଇ ପଡ଼ିରହିଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉନାହାନ୍ତି। ଚାଷୀମାନଙ୍କ କହିବା ଅନୁସାରେ, ବ୍ଲକ ଅଞ୍ଚଳ ଦେଇ ଚିତ୍ରୋତ୍ପଳା ନଦୀ ପ୍ରବାହିତ ହେଉଛି। ନଦୀପାର୍ଶ୍ୱରେ ପଦ୍ମପୁର, ବେଡ଼ାରୀ, ପାଟକୁରା, ଗରଦପୁର, କଳାବୁଦା, ତଳକୁସୁମା, ବନ୍ତଳା, ତେଣ୍ଡାକୁଡ଼ା, ମଧୁଶାସନ, ସାନଅଡ଼ଙ୍ଗା, ରାମଚନ୍ଦ୍ରପୁର ଆଦିର ଚାଷ ଜମିଗୁଡ଼ିକ ରହିଛି। ସେହିପରି ଲୁଣାନଦୀ ପାର୍ଶ୍ୱରେ ବଙ୍ଗାଳପୁର ପଞ୍ଚାୟତ ଅବସ୍ଥିତ। ପାଇକା ନଦୀ ପାର୍ଶ୍ୱରେ ମଧ ତେଣ୍ଡାକୁଡ଼ା, ପଳସୁଧା, ପାଖଡ଼ ଗ୍ରାମ ପଞ୍ଚାୟତର ଚାଷ ଜମି ରହିଛି। ତେବେ ଏହିସବୁ ସ୍ଥାନରେ ନଦୀ ପାର୍ଶ୍ୱରେ ଥିବା ସମସ୍ତ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ ଯଦି କିଛିଦିନ ପାଇଁ ଖୋଲି ଦିଆଯାଏ, ତେବେ ଆଖପାଖ ଅଞ୍ଚଳର ସମସ୍ତ ଜମିକୁ ପାଣି ମାଡ଼ି ପାରିବ। କିନ୍ତୁ କୃଷି ଓ ଜଳସମ୍ପଦ ବିଭାଗ ମଧ୍ୟରେ ସମନ୍ୱୟ ରହୁନଥିବାରୁ ବ୍ଲକ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦିଆଗଲେ ନଦୀକୂଳିଆ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ଉପୁଜନ୍ତା ନାହିଁ ବୋଲି ଚାଷୀମାନେ କହିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ବେଡ଼ାରୀ ପଞ୍ଚାୟତର ନାରାୟଣ ସାହୁ, ଅଭୟ କୁମାର ସେନାପତି, ଗୋକୁଳାନନ୍ଦ ବେହେରା, ପୂର୍ଣ୍ଣଚନ୍ଦ୍ର ଜେନା, ଶଙ୍କର ସ୍ୱାଇଁ, ସୁଧୀର ନାୟକ, ବିଷ୍ଣୁଚରଣ ଖୁଣ୍ଟିଆ ପ୍ରମୁଖ ଦାବି କରିଛନ୍ତି।

# ମଙ୍ଗଳେଶ୍ୱର ବୋଲବମ୍ ସଂଘର ଶ୍ରାବଣୀ ଯାତ୍ରା


ମହାବିନାୟକ ପୀଠ ଅଭିମୁଖେ ମଙ୍ଗଳେଶ୍ୱର ବୋଲ୍‌ବମ୍ ସଂଘର କାଉଡ଼ିଆ।

ଡେରାବିଶ, ୪।୮ (ସ୍ୱ.ପ୍ର.)

ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ମହାଦେବଙ୍କ ଜଳାଭିଷେକ କଲେ ମନସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ଉପଲକ୍ଷେ ମାସର ପ୍ରଥମ ଓ ଦ୍ୱିତୀୟ ସୋମବାର ସମସ୍ତ ଶୈବପୀଠରେ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ତୃତୀୟ ସୋମବାର ପାଇଁ ଶ୍ରାବଣୀ ଯାତ୍ରାରେ ବାହାରିଛନ୍ତି କାଉଡିଆ। ଏହି ଅବସରରେ ଡେରାବିଶ ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ହଳଦିଆପାଟଣା ଗ୍ରାମର ମଙ୍ଗଳେଶ୍ୱର ବୋଲ୍‌ବମ୍ ସଂଘ କାଉଡ଼ିଆମାନେ ରବିବାର ପ୍ରତ୍ୟୁଷରୁ ବିରୂପା ନଦୀକୂଳରେ ପୂଜାର୍ଚ୍ଚନା କରି ଶ୍ରାବଣୀ ଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ସୋମବାର ସକାଳୁ ଯାଜପୁର ଜିଲାର ବିଶିଷ୍ଟ ଶୈବପୀଠ ମହାବିନାୟକ ପୀଠରେ ମହାଦେବଙ୍କ ଜଳାଭିଷେକ କରିବେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତା ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ଶ୍ରୀଧର କବି, ଗୀତା ପ୍ରଧାନ, କୁଇନ୍ ବାରିକ, ରଞ୍ଜନ କୁମାର ସାହୁ, ଦୀପୁନି ପୃଷ୍ଟି, ସୌଭାଗ୍ୟ ରଞ୍ଜନ ସାହୁ, ଲିଙ୍କନ କୁମାର ମଲିକ, ଶ୍ରୀନିବାସ ମଲ୍ଲିକ, ନନ୍ଦକିଶୋର ପ୍ରଧାନ, ମାନସ ରଞ୍ଜନ ମଲିକଙ୍କ ସମେତ ୬୦ ଜଣ କାଉଡ଼ିଆ ଏଥିରେ ସାମିଲ ହୋଇଛନ୍ତି।

# ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭାରେ ଅତିଥିମାନେ।

ଡେରାବିଶ, ୪।୮(ସ୍ୱପ୍ର)

ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ୪୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମଦନ ମୋହନ ଜେନା ସଭାପତିତ୍ୱ କରିଥିଲେ। ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ଗିରିଜାନନ୍ଦ ନାୟକ ମୁଖ୍ୟଅତିଥି, ବିଶିଷ୍ଟ ସାହିତ୍ୟିକ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡା. ପ୍ରକାଶ କୁମାର ପରିଡ଼ା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଭାବେ ପରିଚାଳନା କମିଟି ପୂର୍ବତନ ସମ୍ପାଦକ ରାଜକିଶୋର ଜେନା ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ପରିଷଦ ସମ୍ପାଦକ ପ୍ରାଧ୍ୟାପକ ଲକ୍ଷ୍ମଣ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଗ୍ରନ୍ଥାଗାରର ନୂତନ ଗୃହକୁ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିସହ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଚାଳନା କମିଟିର ପୂର୍ବତନ ସଦସ୍ୟା ଉର୍ମିଳା ରାଉତ, ପ୍ରାକ୍ତନ ଅଧ୍ୟକ୍ଷ ଶ୍ରୀନିବାସ ଭୂୟାଁ, ପୂର୍ବତନ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ମହାବିଦ୍ୟାଳୟର ଦ୍ରୁତ ପ୍ରଗତି ପାଇଁ ପ୍ରଶଂସା କରିଥିଲେ। ଶେଷରେ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ପ୍ରାଧ୍ୟାପକ ଡା, ରାମଚନ୍ଦ୍ର ମହାପାତ୍ର, ଅବନୀ କୁମାର ନାୟକ, ସଂଜୟକୁମାରନାୟକ, ମାନସ ରଞ୍ଜନ ଦାଶ, ଶ୍ରୀମତୀ ଦାସ, ସୁକନ୍ୟା ମହାନ୍ତି, ବ୍ରଜକିଶୋର ସ୍ୱାଇଁ, ଗ୍ରନ୍ଥାଗାରିକ କିଶୋର କୁମାରନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ସାହସିକତା ପୁରସ୍କାର ପ୍ରାପ୍ତ ସିତୁଙ୍କ ବିୟୋଗରେ ଶୋକସଭା

# ଲୁହରେ ଭିଜିଲା ବାସୁଦେବ ବିଦ୍ୟାପୀଠ


ଶୋକସଭାରେ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

ରାଜନଗର, ୪।୮(ଡି.ଏନ୍.ଏ.)

ଚଳିତବର୍ଷ ସାହସିକତା ପାଇଁ ରାଷ୍ଟ୍ରପତି ପୁରସ୍କାର ପାଇଥିବା ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ଅନ୍ତର୍ଗତ ବାସୁଦେବ ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ର ସିତୁ ମଲିକଙ୍କ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ଏନେଇ ଶନିବାର ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ମହେଶ୍ୱର ରାଉତ ଏକ ଶୋକସଭା ଆୟୋଜନ କରିଥିଲେ। ଏହି ଅବସରରେ ସିତୁର ସହପାଠୀମାନେ ତାଙ୍କର ଗୌରବ ଗାଥାକୁ କହିଥିଲେ। ଏହି ସମୟରେ ବିଦ୍ୟାଳୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ବିୟୋଗରେ ପ୍ରଶାନ୍ତ ସ୍ୱାଇଁ, ସଙ୍ଗୀତା ନାୟକ, ବବୁଲ ବାରିକ, ଦିଲୀପ ମଲିକ ପ୍ରମୁଖ ଛାତ୍ରୀଛାତ୍ର ଶୋକବ୍ୟକ୍ତ କରିଥିଲେ। ସଭାରେ ଶିକ୍ଷକ ଲମ୍ବୋଦର ପରିଡା, ସୁକାନ୍ତ ମହାନ୍ତି, ଗୋପାଳଚନ୍ଦ୍ର ରଥ, ଶିଶିର ସାମଲ, ରଞ୍ଜନ ନାୟକ, ଜୟରାମ ଜେନା ଓ ଅଲେଖ ମହାନ୍ତି ପ୍ରମୁଖ ଯୋଗଦେଇ ସିତୁଙ୍କ ଅମରଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରିଥିଲେ। ବିଦ୍ୟାଳୟ ପରିସରରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଶୋକସଭାରେ ପ୍ରସ୍ତାବ ଦିଆଯାଇଥିଲା। ସୂଚନାଯୋଗ୍ୟ, କୁମ୍ଭୀର ମୁହଁରୁ ସାହାସର ସହ ନିଜ ଦାଦାକୁ ବଞ୍ଚାଇଥିବାରୁ ସିତୁଙ୍କୁ ସମ୍ମାନଜନକ ରାଷ୍ଟ୍ରପତି ପୁରସ୍କାର ମିଳିଥିଲା। ଏହି ପୁରସ୍କାର ପାଇ ସେ ରାଜନଗର ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିଲେ।

# ବୁଢ଼ୀ ଜାଗୁଲାଇ ପୀଠରେ କୁକୁଡ଼ା ବଳି

■ ୩ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

ପାଟକୁରା, ୪।୮ (ଡି.ଏନ.ଏ.)

ପବିତ୍ର ଗୌରୀ ପଞ୍ଚମୀ ଉପଲକ୍ଷେ ଗରଦପୁରର ଅଧିଷ୍ଠାତ୍ରୀ ମା' ଜାଗୁଲାଇ ପୀଠରେ ରବିବାର ଗଞ୍ଜା ବଳି ପକାଯାଇଥିଲା। ମା'ଙ୍କ ପାଖରେ ଗଞ୍ଜା ବଳି ଦେଲେ ପରିବାରର ମଙ୍ଗଳ କାମନା ସହ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିଶ୍ୱାସ ରହିଛି। ବଳି ପ୍ରଥା କ୍ରମଶଃ ଉଠି ଯାଉଥିବା ବେଳେ ଜାଗୁଲାଇ ପୀଠରେ ବହୁ ଶ୍ରଦ୍ଧାଳୁ ଗଞ୍ଜା ବଳି ଦେଇଥିଲେ। ତେବେ ପୂର୍ବାପେକ୍ଷା ବଳିର ପରିମାଣ କମିଥିବା ଲକ୍ଷ୍ୟ କରାଯାଇଥିଲା। ପୂର୍ବରୁ ଶହ ଶହ କୁକୁଡ଼ା ବଳି ପକାଯାଉଥିବା ବେଳେ ଏଥର ୨୦ରୁ ୨୫ବର୍ଷ କୁକୁଡ଼ା


ମା'ବୁଢ଼ି ଜାଗୁଲାଇ ପୀଠର ଶ୍ରଦ୍ଧାଳୁଙ୍କ ଭିଡ଼।

ବଳି ପଡିଥିଲା। ତେବେ ଏହି ଅବସରରେ ବୁଢ଼ୀ ଜାଗୁଲାଇ ପୀଠରେ ୩ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ଲୋକକଥାରୁ ଜଣାଯାଏ ଯେ, ଚିତାଲାଗି ଅମାବାସ୍ୟାଠାରୁ ଗୌରୀ ପଞ୍ଚମୀ ପର୍ଯ୍ୟନ୍ତ ମା'ବୁଢ଼ୀ ଜାଗୁଲାଇଙ୍କ ଝିଅ ମା' ରେବତୀ ବିଭିନ୍ନ ଗ୍ରାମ ପରିକ୍ରମା କରି ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦିଅନ୍ତି। ମା' ରେବତୀ ପ୍ରତିଦିନ ଶ୍ରୀବଳଦେବ ଜୀଉ ମନ୍ଦିରରୁ ଯାଇ ବୁଢ଼ୀ ଜାଗୁଲାଇଙ୍କୁ ଭେଟିବା ପରେ ଝୁଲଣରେ ବସନ୍ତି। ମୁଖ୍ୟ ପୂଜକ ସେଠାରେ ଚେତା ଶୂନ୍ୟ ହୋଇ ପଡ଼ିଯାନ୍ତି। ପରେ ମା' ରେବତୀ ତାଙ୍କୁ ଚେତା ଫେରାଇ ଦିଅନ୍ତି। ଆଜି ଝୁଲଣ ପରେ ମା' ରେବତୀ ପୂର୍ବ ମୁଖା ହେବାମାତ୍ରେ ଅପେକ୍ଷାରତ ଶ୍ରଦ୍ଧାଳୁମାନେ କୁକୁଡ଼ା ବଳି ଦେଇଥାନ୍ତି। ଏହାପରେ ମା'ଙ୍କୁ ମୁଖ୍ୟ ପୂଜକ ପାଖଡ଼ ଗ୍ରାମକୁ ନେଇଯାନ୍ତି। ସେଠାରେ ବେଲବଣରେ ମା' ଗାଦିନସୀନ ହେବାପରେ ସେଠାକାର ସେନାପତି ସାହିର ଅଧିବାସୀ ପିଠା ପଣା କରି ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି। ଏହିପ୍ରଥା ବହୁ ବର୍ଷରୁ ଚଳି ଆସୁଛି ବୋଲି ଗ୍ରାମର ଦ୍ୱାରିକାନାଥ ସେନାପତି ପ୍ରକାଶ କରିଛନ୍ତି।

### ଚୁଲିରୁ ନିଆଁ ଲାଗି ବଧୂ ଗୁରୁତର

ମହାକାଳପଡା, ୪।୮ (ଡି.ଏନ.ଏ.)

ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବରକନ୍ଧା ଗ୍ରାମରେ ଅସାବଧାନତା ବଶତଃ ରବିବାର ଜଣେ ନବବଧୂ ନିଆଁରେ ଅର୍ଦ୍ଧ ଦଗ୍ଧ ହୋଇଯାଇଛନ୍ତି। ସେ ହେଲେ ଜଗତ୍‌ସିଂହପୁରସ୍ଥିତ କୁଜଙ୍ଗ ବ୍ଲକର ରୋଜାଲିନ ରାଉତ। ୪ ମାସ ପୂର୍ବେ ସେ ବରକନ୍ଧା ଗ୍ରାମର କମଳାକାନ୍ତ ରାଉତଙ୍କ ପୁଅ ବୁଲା ରାଉତଙ୍କୁ ବିବାହ କରିଥିଲେ। ମଧ୍ୟାହ୍ନ ସମୟରେ ରୋଜାଲିନ ଚୁଲିରେ ରୋଷେଇ କରୁଥିବାବେଳେ ଅସାବଧାନତାବଶତଃ ଶାଢି କାନିରେ ନିଆଁ ଲାଗି ଦେହ ଜଳିଯାଇଥିଲା। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

# ଶାନ୍ତି ପ୍ରତିଷ୍ଠା ପାଇଁ ଗ୍ରାମବାସୀଙ୍କ ସମୂହ ଶପଥ ଗ୍ରହଣ

ମାର୍ଶାଘାଇ,୪।୮(ଡି .ଏନ୍.ଏ.)

ରବିବାର ବନ୍ଧୁତ୍ୱ ଦିବସ ଅବସରରେ ଗରଜଙ୍ଗା ପଞ୍ଚାୟତର ବଡପାଳ ଓ ଡିଆ ଗ୍ରାମର ଯୁବକ ଓ ମୁରବୀମାନେ ଆଶୁତୋଷ ମହାଦେବଙ୍କ ମନ୍ଦିର ପରିସରରେ ଏକଜୁଟ ହୋଇଥିଲେ। ଏହି ଅବସରରେ ଗ୍ରାମର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ସହ ଗରିବ ଜନସାଧାରଣଙ୍କୁ ସହଯୋଗ କରିବା ଓ ନ୍ୟାୟ ଦେବା ପାଇଁ ସମସ୍ତେ ଏକ ହୋଇ କାମ କରିବା ଲାଗି ଶପଥ ଗ୍ରହଣ କରିଥିଲେ। ତ୍ରିନାଥ ସେବା ସଂଗଠନ ଆନୁକୂଲ୍ୟରେ ଆୟୋଜିତ ଏହି ଶପଥ ଗ୍ରହଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଗରଜଙ୍ଗା ସରପଞ୍ଚ ବିପୁଳ ନାୟକ ଯୋଗଦେଇ ସରକାରଙ୍କ


ମହାଦେବ ମନ୍ଦିରରେ ଗ୍ରାମବାସୀଙ୍କ ସମୂହ ଶପଥ ଗ୍ରହଣ।

ଉନ୍ନୟନ ଯୋଜନାର ସୁଫଳ କିପରି ଗରିବ ଲୋକେ ପାଇପାରିବେ ସେ ଦିଗରେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ଏହି କାର୍ଯ୍ୟକ୍ରମରେ ତ୍ରିନାଥ ସେବା ସଂଗଠନର ସଭାପତି ମନମୋହନ ବେହେରା, ସଂପାଦକ ବିବେକାନନ୍ଦ ସୂତାର, ସହ ସଂପାଦକ ଅଲେଖ ବେହେରା, ସାମାଜିକ କର୍ମୀ ଚିତ୍ତରଞ୍ଜନ ବେହେରା, ବାବାଜୀ ବେହେରା, କାଙ୍ଗାଳୀ ଦାସ, ଜିତେନ୍ଦ୍ର କୁମାର ମହାନ୍ତି, ଅମର ସ୍ୱାଇଁ ଉପସ୍ଥିତ ଥିଲେ। ପରେ ଗ୍ରାମର ନାଳ ନର୍ଦ୍ଦମା ଓ ପୋଖରୀ ସଫେଇ କରାଯାଇଥିଲା।

# ପୋଲିସ ଫାଇଲ ତଳେ ଚର୍ଚ୍ଚିତ ମାମଲା

କେନ୍ଦ୍ରାପଡା ଅଫିସ, ୪।୮

ଆଇନଶୃଙ୍ଖଳା ପରିସ୍ଥିତି ପାଇଁ କେନ୍ଦ୍ରାପଡ଼ା ଜିଲା ସବୁବେଳେ ଚର୍ଚ୍ଚାରେ ରହିଛି। ଆପରାଧିକ କାର୍ଯ୍ୟକଳାପ ସହ ସାମ୍ପ୍ରଦାୟିକ ସଦ୍‌ଭାବ ନିୟନ୍ତ୍ରଣ ପୋଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ଜିଲାର କେତୋଟି ବହୁ ଚର୍ଚ୍ଚିତ ଅପରାଧ ଘଟଣାରୁ ପୋଲିସ ଏଯାଏଁ ପରଦା ଉଠାଇପାରିନାହିଁ। ସେଗୁଡିକ ମଧ୍ୟରେ ନମତରା ଗୁଳିକାଣ୍ଡ, ମୂଷା ହାଜତ ମୃତ୍ୟୁ ଓ କ୍ରୀଡା ଛାତ୍ରୀ କସ୍ତୁରୀ ସାମନ୍ତରାୟଙ୍କ ଅସ୍ୱାଭାବିକ ମୃତ୍ୟୁ ଆଦି ପ୍ରମୁଖ ରହିଛି। ପ୍ରଥମ ୨ଟି ମାମଲା ସହ ପୋଲିସର ସିଧାସଳଖ ସମ୍ପୃକ୍ତି ରହିଥିବା ବେଳେ କସ୍ତୁରୀ ମୃତ୍ୟୁର କାରଣ ଅଦ୍ୟାବଧି ଜଣାପଡିନାହିଁ। ଏନେଇ ପୋଲିସର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ୨୦୧୫ ମାର୍ଚ୍ଚ ୮ ମହିଳା ଦିବସରେ ରାଜକନିକା ଥାନା ଅଞ୍ଚଳର ନମତରାଠାରେ ୭ ଦଳିତ ମହିଳାଙ୍କ ସମେତ ଜଣେ ଛାତ୍ରୀ ଜିଲା ପୋଲିସ ଗୁଳିର ଶିକାର ହୋଇଥିଲେ। ଏଥିସହ ୨୦୦ରୁ ଊର୍ଦ୍ଧ୍ୱ ପରିବାର ସଦସ୍ୟଙ୍କୁ ପୋଲିସ ପିଛାକରି ଖୁବ ମାଡ଼ ମାରିଥିଲେ। ସ୍ଥାନୀୟ ବଜାରରେ ମଦ ବିକ୍ରିକୁ ମହିଳାମାନେ ବିରୋଧ କରିବାରୁ ପୋଲିସ ଗୁଳି ଓ ମାଡ଼ର ସମ୍ମୁଖୀନ ହେବାକୁ ପଡ଼ିଲା ବୋଲି ଆନ୍ଦୋଳନକାରୀ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ଏହି ଘଟଣାର ଆରଡିସିସ୍ତରୀୟ ତଦନ୍ତ କରିବା ପାଇଁ ସେତେବେଳେ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଗତ ୨ ବର୍ଷ ପୂର୍ବେ ଏହାର ସାକ୍ଷ୍ୟ ଗ୍ରହଣ ସରିଥିଲେ ମଧ ଅଦ୍ୟାବଧି ରିପୋର୍ଟ ପ୍ରକାଶ ପାଇନାହିଁ। ଫଳରେ ଗୁଳିମାଡର ଶିକାର ହୋଇଥିବା ମହିଳା ଓ ଛାତ୍ରୀଙ୍କୁ ଏଯାଏଁ ଉପଯୁକ୍ତ କ୍ଷତିପୂରଣ ମିଳିପାରିନାହିଁ।

ସେହିପରି ଗତ ୨୦୧୮ ଅଗଷ୍ଟ ୨୬ରେ ମାର୍ଶାଘାଇ ଥାନା ବାଲଣା ଗ୍ରାମର ଅବିନାଶ ପାଇତାଳ ଓରଫ ମୂଷାଙ୍କ ହାଜତ ମୃତ୍ୟୁ ଘଟଣାର ଫଳାଫଳକୁ ନେଇ ଏବେବି ଲୋକଙ୍କ ମଧ୍ୟରେ ସନ୍ଦେହ ରହିଛି। ଅଗଷ୍ଟ ୨୫ ସନ୍ଧ୍ୟାରେ ଏକ ମୋବାଇଲ୍ ଚୋରି ଅଭିଯୋଗରେ ମୂଷାଙ୍କୁ ଗ୍ରାମ ନିକଟସ୍ଥ କେନାଲ ବ୍ରିଜରୁ ମହାକାଳପଡା ପୋଲିସ ଉଠାଇ ନେଇଥିଲା। ପରଦିନ ଥାନାଠାରୁ ମାତ୍ର ୨୦୦ ମିଟର ଦୂର ଅଜୟ ମଲ୍ଲିକଙ୍କ ଘରୁ ମୂଷାଙ୍କ ମୃତଦେହ ମିଳିଥିଲା। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବା ଦେଖିବାକୁ ମିଳିଥିଲା। ରାତିସାରା ଥାନା ଅଧିକାରୀ ଶ୍ୟାମଘନ ବେହେରା ତାଙ୍କ କ୍ୱାଟରରେ ମୂଷାଙ୍କୁ ନିର୍ଯାତନା ଦେଇଥିବା ଥାନା ସେଣ୍ଟ୍ରୀ ତତ୍କାଳୀନ ସମୟରେ ଗଣମାଧ୍ୟମକୁ ବୟାନ ଦେଇଥିଲେ।

ଏ ନେଇ ସ୍ଥାନୀୟ ଲୋକେ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ବାଲଣା ରାସ୍ତାକୁ ଅବରୋଧ କରିଥିଲେ। ଏଥିସହ ଥାନା ଅଧିକାରୀ ବେହେରାଙ୍କ ଗିରଫ ଦାବି କରିଥିଲେ। ଜିଲାର ସର୍ବାଧିକ ୩୨ ଦିନ ପର୍ଯ୍ୟନ୍ତ ଏନେଇ ଗଣଧାରଣା ହୋଇଥିଲା। ଏଥିରେ ବହୁ ସାମାଜିକ ଅନୁଷ୍ଠାନ ଓ କର୍ମୀ ଯୋଗଦେଇଥିଲେ।

ତତ୍କାଳୀନ ଡିଜିପି ଆରପି ଶର୍ମା ଏହି ମାମଲାର ତଦନ୍ତ ପାଇଁ କ୍ରାଇମ ବ୍ରାଞ୍ଚକୁ ଦାୟିତ୍ୱ ଦେଇଥିଲେ। ଥାନା ଅଧିକାରୀ ବେହେରାଙ୍କୁ ନିଲମ୍ବିତ କରି କଟକ ହେଡକ୍ୱାର୍ଟରକୁ ନେଇଥିଲେ। ଇତିମଧ୍ୟରେ ମାମଲାରେ ସମ୍ପୃକ୍ତ ଥାନା ଅଧିକାରୀ ଫେରାର ହୋଇଯାଇଥିବା କୁହାଯାଉଛି। ତାଙ୍କୁ ଅଦ୍ୟାବଧି ହାଇକୋର୍ଟରୁ ଜାମିନ ମିଳି ନଥିବା ଆଲୋଚନା ହେଉଛି। ପୋଲିସ ଅଭିଯୁକ୍ତଙ୍କୁ ଅଦ୍ୟାବଧି ଧରିପାରି ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଏହାଛଡ଼ା ଡେରାବିଶ ଥାନା ଅନ୍ତର୍ଗତ ସାନଅଡ଼ଙ୍ଗା ଗ୍ରାମର କ୍ରୀଡ଼ା ଛାତ୍ରୀ କସ୍ତୁରୀ ସାମନ୍ତରାୟଙ୍କ ମୃତ୍ୟୁ ପ୍ରହେଳିକା ଅଦ୍ୟାବଧି ସମାଧାନ ହୋଇ ନାହିଁ। ମେଧାବୀ ଛାତ୍ରୀ କସ୍ତୁରୀ କ୍ରୀଡ଼ାରେ ରୁଚି ରଖିଥିଲେ। ୨୦୧୭ ନଭେମ୍ବରରେ ସେ ରାଜକନିକା କ୍ରୀଡା ଶିବିରରେ ଯୋଗ ଦେଇଥିଲେ। ସେତେବେଳେ ସେ କ୍ରୀଡା ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ଅସଦାଚରଣର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା। କ୍ରୀଡା ଶିବିରରୁ ଫେରିବା ପରଦିନ କସ୍ତୁରୀଙ୍କ ମୃତ୍ୟୁ ଘଟିଥିଲା। ଏନେଇ ବହୁ ସାମାଜିକ କର୍ମୀ ଓ ଅନୁଷ୍ଠାନ ପକ୍ଷରୁ ସେତେବେଳେ ଆନ୍ଦୋଳନ ହୋଇଥିଲା। ଏହାପରେ ତଦନ୍ତଭାର ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଦିଆଯାଇଥିଲା ଏନେଇ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ମଧ ଅଭିଯୁକ୍ତ ଏବେବି ଖୋଲାରେ ବୁଲୁଛନ୍ତି। ଅପରପକ୍ଷରେ ମାମଲାର ତଦନ୍ତଭାର ଜିଲା ପୋଲିସ ହାତରେ ନଥିବା ଦର୍ଶାଇ ସ୍ଥାନୀୟ ପୋଲିସ ପ୍ରଶାସନ ଘଟଣାକୁ ଭୁଲିଯାଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୫ ଅଗଷ୍ଟ, ୨୦୧୯



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଉଥାଏ,
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ଜନ୍ ମିଲ୍‌ଟନ୍



## ସଂକ୍ଷେପରେ

### ଭାଜପା ଛାଡି ବିଜେଡିରେ ମିଶିଲେ ଯୁବନେତା

**ଯାଜପୁର ଟାଉନ,୪।୮(ଡିଏନଏ):** ଯାଜପୁର ବ୍ଲକ ନାଥସାହି ପଞ୍ଚାୟତରେ ବିଜେଡିର ଏକ ମିଶ୍ରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଭାଜପା ଯୁବନେତା କୈଳାଶ ପହି ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦାନ କରିଛନ୍ତି। ବିଧାୟକଙ୍କ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ସେ ବିଜେଡିରେ ଯୋଗ ଦେଇଥିବା କହିବା ସହିତ ସ୍ଥାନୀୟ ଅଞ୍ଚଳର ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରିଥିଲେ। ବିଧାୟକ ଦାସ ସମଗ୍ର ନିର୍ବାଚନ ମଣ୍ଡଳୀରେ ରହିଥିବା ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ମିଶ୍ରଣ ସମାବେଶରେ ଯାଜପୁର ବ୍ଲକ ବିଜେଡି ସଭାପତିଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ଚେନ ଲୁଟେରା, ସୁନା ଦୋକାନୀ ଗିରଫ

**ଯାଜପୁର ଟାଉନ,୪।୮(ଡିଏନଏ):** ଯାଜପୁର ସହରରେ ଗତ କିଛିଦିନ ଧରି ରାହାଜାନୀ ଓ ଚେନ ଲୁଟ୍ ଘଟଣା ପୋଲିସର ନିଦ ହଜାଇ ଦେଇଛି। ରବିବାର ଜଣେ ଚେନ ଲୁଟେରାକୁ ଧରିବାକୁ ପୋଲିସ ସକ୍ଷମ ହୋଇଛି। ଯାଜପୁର ସହର ଜାଗେଶ୍ୱରପୁର ଗ୍ରାମର ନମିତା ଦାସଙ୍କ ବେକରୁ ଗତ ୧ତାରିଖ ତାଙ୍କ ନିଜ ଘର ସମ୍ମୁଖରୁ ଚେନ ଲୁଟ୍ ହୋଇଥିଲା। ଏଥିନେଇ ନମିତା ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୧୮/୧୯) ରୁଜୁ କରି ବିନ୍ଧାଣ ଗ୍ରାମର କିସାନ ପୃଷ୍ଟିଙ୍କୁ ଗିରଫ କରିଛି। କିସାନ ଯାଜପୁର ସହରସ୍ଥିତ ନାରାୟଣ ଛକ ନିକଟରେ ଥିବା ଏକ ସୁନା ଦୋକାନରେ ଚେନ୍ ବିକ୍ରି କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ଲୁଟ୍ ସୁନା ଚେନ୍ କିଣିଥିବା ସୁନା ଦୋକାନୀ କାଳନ୍ଦୀ ସେନାପତିଙ୍କୁ ପୋଲିସ ଗିରଫ କରିବା ସହ ତାଙ୍କ ନିକଟରୁ ସୁନା ଚେନ ଜବତ କରିଛି। କିସାନଙ୍କ ନାମରେ ଜିଲା ତଥା ରାଜ୍ୟର ବିଭିନ୍ନ ଥାନାରେ ମାମଲା ଥିବା ପୋଲିସ ଜାଣିବାକୁ ପାଇଛି।

### ମହିଳାଙ୍କ ବେକରୁ ଝାମ୍ପି ନେଲେ ସୁନାଚେନ୍

**ଛତିଆ,୪।୮(ଡିଏନଏ):** ଛତିଆ ବିଟ୍ ହାଉସ୍ ସୋଲର ପଞ୍ଚାୟତର ପାଇକରାପୁର ଗ୍ରାମରେ ଜଣେ ମହିଳାଙ୍କ ବେକରୁ ଲୁଟେରାମାନେ ସୁନାଚେନ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଉକ୍ତ ଗ୍ରାମର ମନୋଜ କୁମାର ପ୍ରଧାନଙ୍କ ସ୍ତ୍ରୀ ପ୍ରଜ୍ଞା ପାରମିତା ପ୍ରଧାନ ନିଜ ଘର ଅଗଣାରେ ପଡୋଶୀ ମହିଳାଙ୍କ ସହିତ ଗପୁଥିବା ସମୟରେ ରବିବାର ମଧ୍ୟାହ୍ନରେ ଦୁଇଜଣ ଦୁର୍ବୃତ୍ତ ଏକ ନମ୍ବର ବିହୀନ ବାଇକ୍‌ରେ ଆସି ପ୍ରଜ୍ଞାଙ୍କ ବେକରୁ ଚେନ୍ ଝାମ୍ପିନେଇ ଦ୍ରୁତଗତିରେ ଜାତୀୟ ରାଜପଥ ଆଡକୁ ଚାଲିଯାଇଥିଲେ। ଏ ନେଇ ସେ ଛତିଆ ବିଟ୍ ହାଉସ୍‌ରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି।

## ଚାରବାଟିଆ ରାସ୍ତା, ଗୃହ ବିଭାଜନ

# ନିମ୍ନମାନର ରାସ୍ତା ନିର୍ମାଣ ଯୋଗୁ ହୋଇପାରୁନି ଦୀର୍ଘସ୍ଥାୟୀ

**ଯାଜପୁର ଅଫିସ,୪।୮**

କଟକ ଜିଲା ଅନ୍ତର୍ଗତ ଚାରବାଟିଆ ରାସ୍ତା ଓ ଗୃହ ବିଭାଜନ(ପୂର୍ତ୍ତ) ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ଯାଜପୁର ଜିଲାର ବଡ଼ଚଣା ନିର୍ବାଚନମଣ୍ଡଳୀର ରାସ୍ତାଗୁଡ଼ିକ ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ୨୦୧୪ରୁ ଏପର୍ଯ୍ୟନ୍ତ ବିଭିନ୍ନ ଯୋଜନାରେ ନିର୍ମାଣ ହେଉଥିବା ୧୦ଟି ରାସ୍ତାର କାର୍ଯ୍ୟ ଅଧାରୁ ଅଟକି ରହିଛି। ଏଥିରୁ ଅନେକ ନିମ୍ନମାନର ହୋଇଥିବାନେଇ ବିଭାଗୀୟ ରିପୋର୍ଟ ପ୍ରଦାନ କରାଯାଇଛି। ବିଧାୟକ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉତ୍ଥାପିତ ବିଧାନସଭା ପ୍ରଶ୍ନସଂଖ୍ୟା ୧୭୫୨(ତାରକା ଚିହ୍ନିତ) ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି। ବିଶେଷକରି ବ୍ୟାପକ ପିସି କାରବାର ଓ ଠିକାଦାରୀ ରାଜନୀତି ଯୋଗୁ ରାସ୍ତା ଦୀର୍ଘସ୍ଥାୟୀ ହୋଇ ପାରୁ ନାହିଁ। ଏପରି କି ରାସ୍ତା ନିର୍ମାଣ ନ ସରୁଣୁ ବିଭିନ୍ନ ସ୍ଥାନରେ ଫାଟିଯାଉଥିବା ମଧ୍ୟ ନଜର ରହିଛି।

ରାସ୍ତା ଓ ଗୃହ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ଉପରେ ଅଧିକ ଭରସା କରାଯାଇଥାଏ। ଏଥିପାଇଁ ବ୍ୟସ୍ତବହୁଳ ରାସ୍ତାଗୁଡ଼ିକୁ ଉନ୍ନତମାନର ନିର୍ମାଣ ଆଶାରେ ପୂର୍ତ୍ତ ବିଭାଗ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ। କିନ୍ତୁ ଚାରବାଟିଆ ପୂର୍ତ୍ତ ବିଭାଜନରେ ଏହାର ବ୍ୟତିକ୍ରମ ଘଟୁଛି। ଯାଜପୁର ଜିଲା ବଡ଼ଚଣା ଓ ବରୀ ବ୍ଲକର ଅଧିକାଂଶ ରାସ୍ତାଗୁଡ଼ିକ କଟକ ଜିଲା ପୂର୍ତ୍ତ ବିଭାଜନ ପରିସରଭୁକ୍ତ ହୋଇଥିବାରୁ ଆବଶ୍ୟକ ଦେଖାରଖା ସହ ପ୍ରତିବାଦ ମଧ୍ୟ ଠିକ୍ ଭାବେ ହୋଇପାରୁ ନାହିଁ। ବଭାଗୀୟ ଅଧିକାରୀମାନେ ମନମୁଖୀ କାର୍ଯ୍ୟ କରୁଥିବାରୁ ଧାର୍ଯ୍ୟ ସମୟ ମଧ୍ୟରେ ରାସ୍ତା ନିର୍ମାଣ ମଧ୍ୟ ଶେଷ ହୋଇପାରୁ ନାହିଁ। ବିଧାନସଭା ପ୍ରଶ୍ନର ଉତ୍ତରରୁ ମିଳିଥିବା ତଥ୍ୟ ଅନୁସାରେ ୨୦୧୮ରେ ଆରମ୍ଭ ହୋଇଥିବା ୯୪୩.୮୮ ଲକ୍ଷ ଟଙ୍କାର ୬.୪୦୦ କି.ମି. ବିଶିଷ୍ଟ ଲଳିତଗିରି-ଉଦୟଗିରି-ରତ୍ନଗିରି ରାସ୍ତା ଏଯାଏ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏହି ରାସ୍ତା ପ୍ରଶସ୍ତିକରଣ



ପାଇଁ ବିଭାଗ ପକ୍ଷରୁ ୧୧୫୧.୪୮ଲକ୍ଷ ଟଙ୍କା ଅଟକଳ ହୋଇଥିଲା। ହେଲେ ଦାୟିତ୍ୱରେ ଥିବା ଠିକାଦାର ଗୌରବ କନଷ୍ଟ୍ରକ୍ସନର ମନମାନି ଓ ଅବହେଳା ଯୋଗୁ ମାତ୍ର ୨୫ପ୍ରତିଶତ ରାସ୍ତା କାର୍ଯ୍ୟ

- ଅଧାରେ ଅଟକିଛି ୧୦ ରାସ୍ତା
- ପର୍ଯ୍ୟଟନସ୍ଥଳୀକୁ ସଂଯୋଗ ରାସ୍ତାରେ ବି ଅନିୟମିତତା
- ରେକ୍ଟିଫିକେଶନ ପାଇଁ ଆନ୍ତରିକତା କମ୍, ବେଶୀ ପିସି କାରବାର

ହୋଇଛି। ଏଯାଏ ୨୮୦.୦୧ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ରାସ୍ତାର ମାନ ଉପରେ ପ୍ରଶ୍ନ ଉଠୁଛି। ଢେଙ୍କାନାଳ ଅଧିକ୍ଷଣ ଯନ୍ତ୍ରୀ ପରିଦର୍ଶନରେ ଆସି ପତ୍ରସଂଖ୍ୟା ୭୯୧/୧୭।୪।୨୦୧୯ ତାରିଖରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଦର୍ଶାଇ ପରିଶୋଧନ(ରେକ୍ଟିଫିକେଶନ) କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶରେ ଆନ୍ତରିକତା କମ୍ ରହିଥିବାବେଳେ ବେଶୀ ପିସି କାରବାରର ଗନ୍ଧ ବାରି ହୋଇଥିଲା। ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇ ନ ଥିବାରୁ ରାସ୍ତାର ଦୀର୍ଘସ୍ଥାୟୀ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ବିଶେଷକରି ଏହି ରାସ୍ତା ଏକ ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରୁଥିବାରୁ ବହୁ ମହତ୍ତ୍ୱ ରଖୁଛି ବୋଲି ମତପ୍ରକାଶ ପାଉଛି। ସେହିପରି ୨୦୧୮ରେ ୧୦୫.୧୧ ଲକ୍ଷ ଟଙ୍କାର ୦.୯୬୫କି.ମି. ରାସ୍ତା ବିଶିଷ୍ଟ କୃଷ୍ଣଦାସପୁରଠାରୁ ସିପୁରା ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହାପରେ ବିଭାଗ ପକ୍ଷରୁ ଆବଶ୍ୟକ ରେକ୍ଟିଫିକେଶନ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାବାଦ ୪୦୨.୪୫ ଲକ୍ଷ ଟଙ୍କାର ୫.୩୦୦ କି.ମି. ବିଶିଷ୍ଟ ବନ୍ଧାଳୋ-ଏଣ୍ଡରପଦା ରାସ୍ତା ୨ପ୍ରତିଶତ, ୧୭୨.୮୮ ଲକ୍ଷ ଟଙ୍କାର ୧.୦୧୨ କି.ମି. ବିଶିଷ୍ଟ ମହାବିନାୟକ ମନ୍ଦିର-ବନଦୁର୍ଗା ମନ୍ଦିର ରାସ୍ତା ୧୦ ପ୍ରତିଶତ, ୨୨୪.୦୭ ଲକ୍ଷ ଟଙ୍କାର ୧.୯୦୦ କି.ମି. ବିଶିଷ୍ଟ ଲଳିତଗିରି-ଉଦୟଗିରି-ରତ୍ନଗିରି ରାସ୍ତା ୬୦ ପ୍ରତିଶତ, ୪୮୦.୫୨ ଲକ୍ଷ ଟଙ୍କାର ୪.୬୮୦ କି.ମି. ବିଶିଷ୍ଟ ବଡ଼ଚଣା-ବାଲିଚନ୍ଦ୍ରପୁର ରାସ୍ତା ୯୨ପ୍ରତିଶତ, ୨୨୨.୪୮ ଲକ୍ଷ ଟଙ୍କାର ୩.୯୧୫ କି.ମି. ବିଶିଷ୍ଟ ବଡ଼ଚଣା-ଦର୍ପଣି ରାସ୍ତା ୬୩ ପ୍ରତିଶତ କାର୍ଯ୍ୟ କରି ଅଧାରେ ଅଟକିଛି। ଅପରପକ୍ଷରେ ୯୩.୯୨ଲକ୍ଷ ଟଙ୍କାର ଛତିଆ-କଳକଳା ରାସ୍ତା, ୧୪୦.୪୬ ଲକ୍ଷ ଟଙ୍କାର ରାମଚନ୍ଦ୍ରପୁର-ରତ୍ନଗିରି ରାସ୍ତାର ବ୍ରାହ୍ମଣୀ ବ୍ରିଜ୍ ଆପ୍ରୋଚ୍ ରାସ୍ତା ଓ ୮୦.୭୯ ଲକ୍ଷ ଟଙ୍କାର ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତା ସମ୍ପୂର୍ଣ୍ଣ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ହେଲେ ସମ୍ପୂର୍ଣ୍ଣ ରାସ୍ତାଗୁଡ଼ିକର ଧାର୍ଯ୍ୟମାନ ଅନୁସାରେ ହୋଇ ନ ଥିବାରୁ ଦୀର୍ଘସ୍ଥାୟୀ ନେଇ ସନ୍ଦେହ ଉପୁଜିଛି। ଏସଂକ୍ରାନ୍ତରେ ଚାରବାଟିଆ ପୂର୍ତ୍ତ ବିଭାଜନର ନିର୍ବାହୀ ଯନ୍ତ୍ରୀ ତପନ ଗଡ଼ନାୟକ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ, ସମ୍ପୃକ୍ତ ଏଜେନ୍ସି ଦ୍ୱାରା ଧାର୍ଯ୍ୟମାନ ଅନୁଯାୟୀ ନିର୍ମାଣ ହୋଇ ନ ଥିବା ରାସ୍ତାଗୁଡ଼ିକର ସମାଧାନ ହୋଇ ସାରିଛି।

## ବ୍ରଜସୁନ୍ଦର ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ

# ବିଦ୍ୟାଳୟର ପୁରୁଣା ବୈଭବ ଫେରାଇ ଆଣିବାକୁ ପ୍ରତିଶ୍ରୁତି

**ବିଞ୍ଝାରପୁର,୪।୮(ଡିଏନଏ)**

ବିଞ୍ଝାରପୁର ବ୍ଲକ ସୟଦପୁର ବ୍ରଜସୁନ୍ଦର ଉଚ୍ଚ ବିଦ୍ୟାଳୟ ପରିସରରେ ମୋ ସ୍କୁଲ ଯୋଜନା ଅଭିଯାନ ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କର ଏକ ବୈଠକ ପ୍ରଧାନ ଶିକ୍ଷୟିତ୍ରୀ ବିଜୟା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଅଧିବକ୍ତା ତଥା ପୁରାତନ ଛାତ୍ର ସୌର୍ଯ୍ୟସୁନ୍ଦର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ଐତିହ୍ୟ ସମ୍ପର୍କରେ ବର୍ଣ୍ଣନା କରିବା ସହିତ କିପରି ବିଦ୍ୟାଳୟକୁ ସରସ ସୁନ୍ଦର କରାଯାଇ ପାରିବ ସେ ବିଷୟରେ ନିଜ ଅଭିମତ ରଖିଥିଲେ। ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ବିଜୟା ଦାସ ସ୍କୁଲର ଅଭାବ ଅସୁବିଧା ଦର୍ଶାଇ କହିଲେ ଯେ, ବିଦ୍ୟାଳୟରେ ଏବେ ୭ଶହ ଛାତ୍ରୀଛାତ୍ର ପଢୁଛନ୍ତି। ମାତ୍ର ଏଠାରେ ଶ୍ରେଣୀ ଗୃହ, ଶୌଚାଳୟ, ବିଜ୍ଞାନାଗାର, ପାଠାଗାର, ଏନ୍‌ସିସି ଗୃହର ଅଭାବ ରହିଛି। ପୁରାତନ ଶ୍ରେଣୀ ଗୃହ ମରାମତି ବହୁଦିନ ଧରି ହୋଇ ପାରି ନ ଥିବାରୁ ଏବେ ସେହି ବିପଦପୂର୍ଣ୍ଣ ଶ୍ରେଣୀଗୃହ ବିଷଧର ସରୀସୃପ ବାସସ୍ଥଳୀରେ ପରିଣତ ହୋଇଛି। ଏସବୁ ଦିଗକୁ ନଜରରେ ରଖି ପ୍ରଧାନ ଶିକ୍ଷୟିତ୍ରୀ ଦାସ ପୁରାତନ ଛାତ୍ରୀଛାତ୍ରଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଥିଲେ। ପୁରାତନ ଛାତ୍ର ତଥା ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପାର୍ଥସାରଥୀ ଦାସ ବିଦ୍ୟାଳୟର ପୁରୁଣା ବୈଭବ ଫେରାଇ ଆଣିବା ପାଇଁ ପୁରାତନ ଛାତ୍ରୀଛାତ୍ର ଏଣିକି ଧ୍ୟାନ ଦେବେ ବୋଲି କହିଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସର୍ବସମ୍ମତି କ୍ରମେ ପାର୍ଥସାରଥୀ ଦାସଙ୍କୁ ସଭାପତିଭାବେ ମନୋନୟନ କରାଯାଇଥିଲା। ଏହା ବ୍ୟତୀତ ବରିଷ୍ଠ ଉପଦେଷ୍ଟା ଭାବେ ହରେକୃଷ୍ଣ ପଣ୍ଡା, ମଧୁସୂଦନ ଧଳ, ବରିଷ୍ଠ ଅଧିବକ୍ତାଭାବେ ସୌର୍ଯ୍ୟସୁନ୍ଦର ଦାସଙ୍କୁ ଗ୍ରହଣ କରାଯାଇଥିଲା। କମିଟି ସଦସ୍ୟ ଭାବେ ସଇଫୁର ରହେମାନ, ରୁଦ୍ରଚରଣ ବେହୁରିଆ, ରମାକାନ୍ତ ବିନ୍ଧାଣୀ, ଶରତ କୁମାର ସେଠୀ, ପ୍ରତାପ କୁମାର ପରିଡା, ପ୍ରଶାନ୍ତ କୁମାର ମିଶ୍ର, ବିଜୟ କୁମାର ନାୟକ, କୁଞ୍ଜବିହାରୀ ବେହେରା, ପ୍ରଦୀପ କୁମାର ନାୟକଙ୍କୁ ମନୋନୟନ କରାଯାଇଛି। ଏହି ବୈଠକରେ ୪ଟି ଶୌଚାଳୟ ବିଦ୍ୟାଳୟ ପରିସରରେ ନିର୍ମାଣ କରିବ ଓ ଛାତ୍ରୀଛାତ୍ରଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ପୁରାତନ ଛାତ୍ର ସୌର୍ଯ୍ୟ ପ୍ରତିଶ୍ରୁତି ଦେଇଥିଲେ।




ମୋ ସ୍କୁଲ ଅଭିଯାନ ବୈଠକରେ ଉପସ୍ଥିତ ପୁରାତନ ଛାତ୍ରୀ ଛାତ୍ର।

### ବିନା ପ୍ରମାଣପତ୍ରରେ ସିମ୍ ବିକ୍ରି ଅଭିଯୋଗ

# ମୋବାଇଲ ଦୋକାନରେ ପୋଲିସର ଚଢାଉ

**ଚଣ୍ଡିଖୋଲ,୪।୮(ଡି.ଏନ.ଏ)**

ଯାଜପୁର ଏସ୍‌ପି ଚରଣ ସିଂହ ମୀନାଙ୍କ ନିର୍ଦ୍ଦେଶକ୍ରମେ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ନାରାୟଣ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ରବିବାର ଚଣ୍ଡିଖୋଲ ଛକରେ ଥିବା ବିଭିନ୍ନ ମୋବାଇଲ ଦୋକାନ ଉପରେ ଚଢ଼ାଉ କରାଯାଇଛି। ବିନା ପ୍ରମାଣପତ୍ରରେ ବେଆଇନଭାବେ ସିମ୍ ବିକ୍ରି ଅଭିଯୋଗରେ ଏହି ଚଢାଉ କରାଯାଇଥିବା ଜଣାପଡ଼ିଛି। ବିନା ପ୍ରମାଣପତ୍ରରେ କୌଣସି ବ୍ୟକ୍ତିଙ୍କୁ ମୋବାଇଲ ସିମ୍ ପ୍ରଦାନ କରିବା ଯୋଗୁ ଅପରାଧୀଙ୍କୁ ଧରିବାରେ ପୋଲିସ ଅସୁବିଧାର ସମ୍ମୁଖୀନ ହେଉଛି। ଏଥିପାଇଁ ସିମ୍ ବିକ୍ରି କରୁଥିବା ସମସ୍ତ ଦୋକାନୀଙ୍କୁ ଉପଯୁକ୍ତ ପ୍ରମାଣପତ୍ର ରଖି ସିମ୍ ସହ ମୋବାଇଲ ବିକ୍ରି କରିବାକୁ ପରାମର୍ଶ ଦେଇଥିଲେ।

# ଯାଜପୁର ଜିଲାପାଳ ସମ୍ବର୍ଦ୍ଧିତ

**ବରୀ,୪।୮(ସ୍ୱ.ପ୍ର)**

ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ଗ୍ରୀନ୍ ଅକ୍ସଫୋର୍ଡ଼ ମଡେଲ ସ୍କୁଲ୍ ପକ୍ଷରୁ ରବିବାର ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଶାସନିକ ଦକ୍ଷତା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଶାସକ ଭାବେ ଗ୍ରୀନ୍ ଅକ୍ସଫୋର୍ଡ ମଡେଲ୍ ସ୍କୁଲ ପକ୍ଷରୁ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଦାସ ଜଣେ ଗୀତିକାର, କବି, ସୁଲେଖକ, ପ୍ରଶାସକ ଭାବେ ସୁନାମ ଅର୍ଜନ କରିପାରିଛନ୍ତି। କାର୍ଯ୍ୟକ୍ରମରେ ସ୍କୁଲ ପ୍ରତିଷ୍ଠାତା ସତ୍ୟରଞ୍ଜନ ପତି, ରାଜ୍ୟ ସମବାୟ ଗୃହ ନିର୍ମାଣ ନିଗମର ନିର୍ଦ୍ଦେଶକ ହରିହର ସ୍ୱାଇଁ, ପ୍ରଧାନଶିକ୍ଷକ ଶଶିଭୂଷଣ ରାଉତରାୟ, ସଂଯୁକ୍ତା ସାହୁ, କଳ୍ପନା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ବାବା ଭୈରବାନନ୍ଦ ସ୍ୱୟଂଶାସିତ

# ମହାବିଦ୍ୟାଳୟ: ଇଗ୍ନୋରେ ନାମଲେଖା

**ଚଣ୍ଡିଖୋଲ,୪।୮(ଡି.ଏନ.ଏ)**

ଯାଜପୁର ଜିଲାର ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ୨୦୧୮ ଅକ୍ଟୋବରରୁ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ପକ୍ଷରୁ ସ୍ଥାୟୀ କ୍ୟାମ୍ପସର ମାନ୍ୟତା ମିଳିଛି। ଅଗଷ୍ଟ ୧ରୁ ଇଗ୍ନୋ ପାଠ୍ୟକ୍ରମରେ ନାମଲେଖା ଆରମ୍ଭ ହୋଇଯାଇଥିବାବେଳେ ଏଠାରେ ଚଳିତ ଶିକ୍ଷାବର୍ଷରୁ ସିଧାସଳଖ ସ୍ନାତକ, ସ୍ନାତକୋତ୍ତର ରେଗୁଲାର ପାଠ୍ୟକ୍ରମ ଓ ଅନାନ୍ୟ ୪୦ରୁ ଊର୍ଦ୍ଧ୍ୱ ପାଠ୍ୟକ୍ରମରେ ସାର୍ଟିଫିକେଟ କୋର୍ସ ପାଇଁ ନାମଲେଖା ଆରମ୍ଭ ହୋଇପାରିବ ବୋଲି ରବିବାର କଲେଜ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ସଚେତନତା ରଥ ମାଧ୍ୟମରେ ସମଗ୍ର ଜିଲାକୁ ସଚେତନ କରାଯାଉଥିଲାବେଳେ ଅଗଷ୍ଟ ୧୪ ପର୍ଯ୍ୟନ୍ତ ନାମଲେଖା ଚାଲୁ ରହିଥିବା ସୂଚନା ଦିଆଯାଇଛି। ଦୂର ଶିକ୍ଷା ମାଧ୍ୟମରେ ଛାତ୍ରୀଛାତ୍ରମାନେ ଆତ୍ମନିର୍ଭରଶୀଳ ହୋଇପାରିବେ ଓ ଅଧାରୁ ପାଠ ଛାଡୁଥିବା ସମସ୍ତ ବର୍ଗର ଛାତ୍ରୀଛାତ୍ରଙ୍କୁ ସିଧାସଳଖ ଉଚ୍ଚଶିକ୍ଷା ଓ ସାର୍ଟିଫିକେଟ ପାଠ୍ୟକ୍ରମରେ ନାମ ଲେଖାଇ ପାରିବେ ବୋଲି ଇଗ୍ନୋର ସହକାରୀ ଆଞ୍ଚଳିକ ନିର୍ଦ୍ଦେଶକ ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ଦେଇଥିଲେ। ଏହା ଅଧୀନରେ ମହାପୁରୁଷ ବନମାଳି ମହାବିଦ୍ୟାଳୟ, ସାଇଲିପଡ଼ା, ସାହାସପୁର ମହାବିଦ୍ୟାଳୟ ବାଲିଚନ୍ଦ୍ରପୁର ଓ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ନୂଆହାଟ, ମୁକୁନ୍ଦପାତ୍ର ଜୁନିୟର ଡ଼ିଗ୍ରୀ କଲେଜ, କବାଟବନ୍ଧ ସମେତ ୧୫ଟିରୁ ଊର୍ଦ୍ଧ୍ୱ ହାବିଦ୍ୟାଳୟ ଉପକେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି ସୂଚନା ଦିଆଯାଇଛି। ବିଶେଷ କରି ଇଗ୍ନୋ ପାଠ୍ୟକ୍ରମ ଦ୍ୱାରା ଆଦୌ ପାଠ ପଢି ନ ଥିବା ଯେ କୌଣସି ବ୍ୟକ୍ତି ବିପିଏସ୍ ପରୀକ୍ଷା ଦେଇ ସିଧାସଳଖ ୩ବର୍ଷିଆ ସ୍ନାତକ ଡିଗ୍ରୀ ହାସଲ କରିପାରିବେ ବୋଲି ପାଣିଗ୍ରାହୀ ସୂଚନା ଦେବା ସହ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ କୋର୍ସ ଫିଁର ୮ଗୁଣ ପର୍ଯ୍ୟନ୍ତ ବୃତ୍ତି ମିଳିବ ଓ ଅନୁସୂଚିତ ଜାତି,ଜନଜାତି ଛାତ୍ରୀଛାତ୍ରଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ସମସ୍ତ ପ୍ରକାର ଶିକ୍ଷାଦାନ କରାଯାଉଥିବାରୁ ଅଧିକରୁ ଅଧିକ ଆଶାୟୀ ଏହାର ସୁଯୋଗ ନେବାକୁ ସେ ଆହ୍ୱାନ ଦେଇଥିଲେ। ଚଣ୍ଡିଖୋଲ କଲେଜ ଅଧକ୍ଷ ବିରେନ୍ଦ୍ର କୁମାର ମିଶ୍ର ଓ କଲେଜ ଅଧାପିକା ଅଧାପକମାନେ ଉପସ୍ଥିତ ଥିଲେ। ଚଣ୍ଡିଖୋଲ କ୍ୟାମ୍ପସ ସଂଯୋଜକ ଦୀଲିପ କୁମାର ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ୭ଟି ଜିଲା ପାଇଁ କାର୍ଯ୍ୟ କରୁଥିବା ସଂଯୋଜିକା ସାଧନା ନାୟକ, ଗୌରୀଶଙ୍କର ମିଶ୍ର, ତପନ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ଇଗ୍ନୋର ପାଠ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଂଯୋଜିକା ଓ ସଂଯୋଜକ ପ୍ରମୁଖ।

# ଗାଡ଼ି ଧକ୍କାରେ କାଉଡ଼ିଆଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୪।୮(ଡି.ଏନ.ଏ)**

୧୬ ନଂ. ଜାତୀୟ ରାଜପଥର ବଡ଼ଚଣା ଥାନା ଅନ୍ତର୍ଗତ କଡ଼େଇ ଛକ ନିକଟରେ ରବିବାର ଭୋର ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ କାଉଡ଼ିଆଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ଯାଜପୁର ଜିଲା କୁଆଖିଆ ଥାନା ନରସିଂହପୁର ଗ୍ରାମର ସୁଶାନ୍ତ କୁମାର ସାହୁ (୨୧)। ସେ ଶନିବାର କଟକ ଗଡ଼ଗଡ଼ିଆ ଘାଟରୁ ପାଣି ଭାର ଧରି ଜାରକାସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିରକୁ ଜଳାଭିଷେକ ପାଇଁ ଯାଉଥିଲେ। ରବିବାର ଭୋର ସମୟରେ କଡ଼େଇ ଛକ ନିକଟରେ ତାଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସୁଶାନ୍ତଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ବଡ଼ଚଣା ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଶ୍ରୀଜଗନ୍ନାଥ କଳା ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶର ନିଶା ନିବାରଣ ଅଭିଯାନ

**ବିଞ୍ଝାରପୁର,୪।୮(ଡିଏନଏ)**

ବିଞ୍ଝାରପୁର ବ୍ଲକ ଉତ୍ତଙ୍ଗରାଠାରେ ଶ୍ରୀଶ୍ରୀଜଗନ୍ନାଥ କଳା ସଂସ୍କୃତି ସଂକୀର୍ତ୍ତନ ସେବା ପରିଷଦ ଆନୁକୂଲ୍ୟରେ ଏକ ନିଶା ନିବାରଣ ଅଭିଯାନ କାର୍ଯ୍ୟକ୍ରମ ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ କଳା ସଂସ୍କୃତି ସଂକୀର୍ତ୍ତନ ସେବା ପରିଷଦର ଜିଲା ସଭାପତି ବାବା କୃତ୍ତିବାସ ଦାଶ ଉଦ୍‌ଘାଟନ କରିଥିବାବେଳେ ଜିଲା କଳା ପରିଷଦର ସହ ସଂଯୋଜକ ମହେନ୍ଦ୍ର ମଲ୍ଲିକ, ପ୍ରମୋଦ କୁମାର ସାହୁ, ସମ୍ବରୀ ମଲ୍ଲିକ, ନିରାକାର ମଲ୍ଲିକ, ନୃସିଂହ ଜେନା, ପ୍ରଫୁଲ୍ଲ ଜେନା, ହରି ମଲ୍ଲିକ, ବାଇନ ମଲ୍ଲିକ ପ୍ରମୁଖ ଯୋଗଦେଇ କେବଳ ହରିନାମ ହିଁ ସଂସାରର ସବୁ କ୍ଳେଶକୁ ହରି ଥାଏ ବୋଲି ମତବ୍ୟକ୍ତ କରିଥିଲେ। ପରେ ସ୍ଥାନୀୟ ଅଞ୍ଚଳର ୧୫ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳର ଶହ ଶହ ଶ୍ରଦ୍ଧାଳୁ ଗାଁ ଗାଁ ପରିକ୍ରମା କରି ନିଶା ବିରୋଧି ନାରା ଦେବା ସହିତ ନିଶାମୁକ୍ତ ସମାଜ ସପକ୍ଷରେ ଘର ଘର ବୁଲି ଜନସାଧାରଣଙ୍କୁ ସଚେତନ କରିଥିଲେ। ଶ୍ରୀଜଗନ୍ନାଥ କଳାସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପକ୍ଷରୁ ଏହି ନିଶା ନିବାରଣ ଅଭିଯାନକୁ ଉତ୍ତଙ୍ଗରା ଗ୍ରାପର ସରପଞ୍ଚ ମିନତୀ ସାହୁ, ମନୋରଞ୍ଜନ ସାହୁ, ସମିତି ସଭ୍ୟଙ୍କ ପ୍ରତିନିଧି ଅଶୋକ କୁମାର ମହାନ୍ତି ଓ ଶ୍ରୀଜଗନ୍ନାଥ କଳାସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ଉତ୍ତଙ୍ଗରା ପଞ୍ଚାୟତର ଶାଖା ସଭାପତି ପୀତବାସ ମଲ୍ଲିକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

**୧୫ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ସାମିଲ**

# ବାହ୍ୟ ମଳମୁକ୍ତ ଜିଲା ହେବା ନେଇ ସନ୍ଦିହାନ

**ଯାଜପୁର ଟାଉନ,୪।୮(ଡିଏନଏ)**

ଯାଜପୁର ଜିଲାକୁ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ କରାଯିବା ପାଇଁ ଆସନ୍ତା ୧୫ ସୁଦ୍ଧା ୫୫ ହଜାରରୁ ଊର୍ଦ୍ଧ୍ୱ ପାଇଖାନା ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ମାତ୍ର ଏବେ ବି ୯୨ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଜିଓ ଟ୍ୟାଗିଂ ହୋଇପାରି ନାହିଁ। ଫଳରେ ଏହି ଲକ୍ଷ୍ୟ ପୂରଣ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ନିର୍ମାଣ ପାଇଁ ପ୍ରତ୍ୟେକ ହିତାଧିକାରୀଙ୍କୁ ୧୨ହଜାର ଟଙ୍କା ଲେଖାଏଁ ସହାୟତା ଯୋଗାଇ ଦିଆଯାଉଛି। ବିଗତ ୫ବର୍ଷ ମଧ୍ୟରେ ଯାଜପୁର ଜିଲାରେ ୨ଲକ୍ଷ ୭୧ ହଜାର ୧୦୭ ନିଜସ୍ୱ ଶୌଚାଳୟ ନିର୍ମାଣ କରାଯାଇଛି ବୋଲି ଜିଲା କାର୍ଯ୍ୟାଳୟରୁ ସୂଚନା ମିଳିଛି। ମାତ୍ର ସେଥି ମଧ୍ୟରୁ ୩୦ ପ୍ରତିଶତ ଶୌଚାଳୟ ନିର୍ମାଣ କରା ନ ଯାଇ ପୁରୁଣା ଶୌଚାଳୟକୁ ରଙ୍ଗ ଲଗାଇ ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ସମ୍ପର୍କରେ ଜିଲା ପ୍ରଶାସନ ଓ ରାଜନେତାମାନେ ଜାଣିଥିଲେ ମଧ୍ୟ ସମସ୍ତେ ଚୁପ୍ ରହୁଥିବା କୁହାଯାଉଛି। ଏହି ଜିଲାରେ ଏଯାବତ୍ ୨ଲକ୍ଷରୁ ଊର୍ଦ୍ଧ୍ୱ ପାଇଖାନା ନିର୍ମାଣ କରାଯାଇଥିଲେ ହେଁ ଆହୁରି ୫୫ ହଜାରରୁ ଊର୍ଦ୍ଧ୍ୱ ପାଇଖାନା ନିର୍ମାଣ ବାକି ରହିଛି। ଅଗଷ୍ଟ ୧୫ ସୁଦ୍ଧା ଏହା ସମ୍ପୂର୍ଣ୍ଣ କରାଯିବ ବୋଲି ଜିଲା ପ୍ରଶାସନ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ମଧ୍ୟ ଏଯାଏଁ ୯୨ ହଜାରରୁ ଅଧିକ ହିତାଧିକାରୀଙ୍କ ଜିଓଟ୍ୟାଗିଂ ହୋଇପାରି ନାହିଁ। ଫଳରେ ଏହା ଅବାସ୍ତବ ଭଳି ମନେ ହେଉଥିବା ସାଧାରଣରେ ମତ ପ୍ରକାଶ ପାଇଛି। ଏହି ଜିଲାର ୧୦ଟି ବ୍ଲକ ମଧ୍ୟରୁ ଯାଜପୁର ବ୍ଲକରେ ୨୫ହଜାର ୯୧୫ଟି ପାଇଖାନା ନିର୍ମାଣ ହୋଇଥିବାବେଳେ ୫୨୯୧ଟି ପାଇଖାନା ନିର୍ମାଣ ହୋଇପାରି ନାହିଁ। ଦଶରଥପୁର ବ୍ଲକରେ ୩୦,୩୯୦ ପାଇଖାନା ନିର୍ମାଣ ହୋଇଥିବାବେଳେ ୫୫୯୬ଟି ପାଇଖାନା ନିର୍ମାଣ ହୋଇପାରି ନାହିଁ। କୋରେଇରେ ୨୩,୫୦୭ ପାଇଖାନା ନିର୍ମାଣ ହୋଇଥିବାବେଳେ ୫୬୭୩ଟି ପାଇଖାନା ନିର୍ମାଣ ହୋଇ ନାହିଁ। ରସୁଲପୁରରେ ୨୯,୪୫୨ ପାଇଖାନା ନିର୍ମାଣ ହୋଇଥିବାବେଳେ ୪୧୭୩ଟି ପାଇଖାନା ନିର୍ମାଣ ହୋଇ ନାହିଁ। ଧର୍ମଶାଳାରେ ୨୬ହଜାର ୨୯୯ ପାଇଖାନା ନିର୍ମାଣ ହୋଇଥିବାବେଳେ ୪୯୯୦ଟି ପାଇଖାନା ନିର୍ମାଣ ହୋଇ ନାହିଁ। ବିଞ୍ଝାରପୁରରେ ୩୫,୬୭୯ ପାଇଖାନା ନିର୍ମାଣ ହୋଇଥିବାବେଳେ ୬୯୨୦ଟି ପାଇଖାନା ନିର୍ମାଣ ହୋଇ ନ ଥିବା ଜଣାପଡ଼ିଛି। ସେହିପରି ବରୀରେ ୨୪,୯୬୦ ପାଇଖାନା ନିର୍ମାଣ ସରିଥିବାବେଳେ ୫୧୬୨ଟି ନିର୍ମାଣ ହୋଇନାହିଁ। ସୁକିନ୍ଦାରେ ୨୨,୨୬୭ ପାଇଖାନା ନିର୍ମାଣ ହୋଇଥିବାବେଳେ ୨୪୦୪ଟି ନିର୍ମାଣ ହୋଇନାହିଁ। ସେହିପରି ବଡଚଣା ବ୍ଲକରେ ୩୧,୮୪୪ ପାଇଖାନା ନିର୍ମାଣ ହୋଇଥିବାବେଳେ ୮୧୦୮ଟି ନିର୍ମାଣ ହୋଇ ନାହିଁ। ଦାନଗଦୀ ବ୍ଲକରେ ୧୮,୮୦୩ ପାଇଖାନା ନିର୍ମାଣ ହୋଇଥିବାବେଳେ ୭୦୮୬ଟି ନିର୍ମାଣ ହୋଇପାରି ନ ଥିବା ସୂଚନା ମିଳିଛି। ନିର୍ମାଣ କରାଯାଇଥିବା ପାଇଖାନା ମଧ୍ୟରୁ ୩୦ ପ୍ରତିଶତ ପାଇଖାନାକୁ ଦେଖାଇ ସ୍ଥାନୀୟ ଦଲାଲ ଓ ବ୍ଲକର କେତେଜଣ ଅସାଧୁ କର୍ମଚାରୀ ବିଲ୍ କରି ଅଧା ଅଧା ଅର୍ଥ ବାଣ୍ଟି ନେଇଥିବା ଅଭିଯୋଗ ହୋଇଛି। କେତେଜଣ କର୍ମଚାରୀ ଓ ସ୍ଥାନୀୟ ଦଲାଲଙ୍କ ଦୌରାତ୍ମ୍ୟ ସହି ନ ପାରି ହାତଗୁଞ୍ଜା ଦେଇ ନ ପାରିବାରୁ ଅନେକ ହିତାଧିକାରୀ ପାଇଖାନା କରିବା ପାଇଁ ମନ ମଧ୍ୟ ବଳାଉ ନାହାନ୍ତି। ଏପରି ପରିସ୍ଥିତିରେ ଜିଲା ପ୍ରଶାସନ ଆସନ୍ତା ଅଗଷ୍ଟ ୧୫ ଭିତରେ ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ଜିଲା କରିବା ପାଇଁ ଯେଉଁ ଆଶା ବାନ୍ଧିଛି ତାହା ଅସମ୍ଭବ ଭଳି ଅନୁଭୂତ ହେଉଛି। ଏ ସମ୍ପର୍କରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରାଙ୍କୁ ପଚାରିବାରେ, ୧୫ ତାରିଖ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ପାଇଁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ତତ୍ପର ଅଛନ୍ତି। ଯେଉଁମାନେ ଏହି କାର୍ଯ୍ୟକୁ ଅସହଯୋଗ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

**ଯାଜପୁର ଜିଲା**
- ହୋଇପାରିନି ୯୨ହଜାରରୁ ଅଧିକ ହିତାଧିକାରୀଙ୍କ ଜିଓ ଟ୍ୟାଗିଂ
- ୫୫ ହଜାରରୁ ଊର୍ଦ୍ଧ୍ୱ ଶୌଚାଳୟ ଏବେ ବି ହୋଇପାରିନି
- ୩୦ ପ୍ରତିଶତ ଜାଲ ଶୌଚାଳୟ କରି ଅର୍ଥ ହଡ଼ପ

